ବିଜେଡିର ପୋଲାଭରମ କାର୍ଡ

ନବୀନଙ୍କୁ ଭେଟି ଦିଲ୍ଲୀ ଗସ୍ତ ସମ୍ପର୍କରେ ଅବଗତ କରୁଛନ୍ତି ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର,୧୪ା୧୨(ଭୁ.ପ୍ର): ଦୀର୍ଘ ୨୪ ବର୍ଷ ଧରି ଶାସନରେ ରହିବା ପରେ ଏବେ ବିରୋଧୀ ଆସନରେ ବିଜେଡି। ଜନତାଙ୍କ ବିଶ୍ୱାସ ଫେରିପାଇବା ପାଇଁ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗକୁ ଅସ୍ତ୍ର କରିଛି ବିଜେଡି। ଏହିକ୍ରମେ ବିଜେଡି ଏବେ ପୋଲାଭରମ ପ୍ରକଳ୍ପକୁ ପ୍ରମୁଖ ପ୍ରସଙ୍ଗ କରିଛି। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର, ରାଜ୍ୟରେ ବିଜେପି ସରକାର ଓ ଆନ୍ଧ୍ରପ୍ରଦେଶରେ ବିଜେପିର ମେଣ୍ଟ ସହଯୋଗୀ ଟିଡିପି କ୍ଷମତାରେ ରହିଛି। ଏହି ସମୟରେ ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛି ବିଜେଡି। ଜାନୁଆରୀରୁ ବିଜେଡି ପୋଲାଭରମ ଆନ୍ଦୋଳନକୁ ଜୋରଦାର କରିବ ବୋଲି ସୂଚନା ଦିଆଯାଇଛି। ପୋଲାଭରମକୁ ବିରୋଧ କରି ଏହି ଆନ୍ଦୋଳନ ମାଲକାନଗିରି ମୋଟୁରୁ ଭୁବନେଶ୍ୱର, ଭୁବନେଶ୍ୱରରୁ ଦିଲ୍ଲୀ ଯାଏଁ ନେବାକୁ ନିଷ୍ପତ୍ତି ନେଇଛି ବିଜେଡି। ନିଜେ ଲଢ଼ିବା ସହ ଦଳର ନେତା ଓ କର୍ମୀଙ୍କୁ ବି ଲଢ଼ିବା ନେଇ ଆହ୍ୱାନ ଦେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ।

ପୋଲାଭରମ ପ୍ରକଳ୍ପକୁ ନେଇ ଦିଲ୍ଲୀ ଯାଇ ବିଭିନ୍ନ କେନ୍ଦ୍ର ଅଧିକାରୀଙ୍କୁ ଭେଟିଥିବା ବିଜେଡିର ପ୍ରତିନିଧି ମଣ୍ଡଳୀ ଦଳର ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଭେଟି ସେମାନଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି। ପୋଲାଭରମ ପ୍ରକଳ୍ପ ହେଲେ ମାଲକାନଗିରି ଜିଲାର ଶତାଧିକ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହେବ ବୋଲି ଆକଳନ କରାଯାଉଥିବାବେଳେ ବିଜେଡି ମାଲକାନଗିରି ଜିଲାର ସ୍ୱାର୍ଥରକ୍ଷା ପାଇଁ ସମସ୍ତ ଉଦ୍ୟମ କରିବ

ମାଲକାନଗିରିର ସ୍ୱାର୍ଥ ପାଇଁ ଜାନୁଆରୀରୁ ଆନ୍ଦୋଳନ

ବୋଲି ନବୀନ ପ୍ରତିନିଧି ଦଳର ସଦସ୍ୟମାନଙ୍କୁ କହିଛନ୍ତି। ବିଜେଡି ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରେ ଭେଟିଥିବା ଅଧିକାରୀମାନଙ୍କ ଠାରୁ ଉତ୍ତର ଆସିବା ପରେ ବିଜେଡି ତା'ର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଥିଲେ। ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ନବୀନଙ୍କୁ ଭେଟିଥିବା ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ନିରଞ୍ଜନ ବିଶି, ସୁଭାଶିଷ ଖୁଣ୍ଟିଆ, ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ, ବିଧାୟକ ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝି, ମାନସ ମାଡକାମୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ସାମିଲ ଥିଲେ। ବିଜେଡି ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲ, କେନ୍ଦ୍ର ଜଳ କମିସନ ଅଧ୍ୟକ୍ଷ, ଆଦିବାସୀ ବ୍ୟାପାର ବିଭାଗର ସଚିବ, ପରିବେଶ ଓ ଜଙ୍ଗଲ ବିଭାଗର ସଚିବ ଓ ଜାତୀୟ ଜନଜାତି କମିସନଙ୍କୁ ଭେଟି ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ହେବାକୁ ଥିବା କ୍ଷତି ସମ୍ପର୍କରେ ଅବଗତ କରିଥିଲେ। ଜାତୀୟ ଜନଜାତି କମିସନ ଏହି ପ୍ରସଙ୍ଗକୁ ଗୁରୁତର ସହିତ ନେଇ ସେ ଅତିଶୀଘ୍ର ପ୍ରଭାବିତ ହେବାକୁ ଥିବା ମାଲକାନଗିରି ଜିଲା ଗସ୍ତ କରି ସ୍ଥିତିର ଆକଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଅନ୍ୟ ଅଧିକାରୀମାନେ ପ୍ରସଙ୍ଗକୁ ଗୁରୁତର ସହିତ ନେଇ ଓଡ଼ିଶାର ଆଶଙ୍କା ପ୍ରତି ବିଚାର କରାଯିବ ବୋଲି କହିଥିଲେ।

ଜୋର୍ ଧରିଲା ନୟାଗଡ଼ରେ ନୂଆ ଚିନିକଲ ସ୍ଥାପନ ଦାବି

ଭୁବନେଶ୍ୱର, ୧୪ା୧୨(ନି.ପ୍ର): ରାଜ୍ୟ ସରକାର ଆସ୍କା ଚିନିକଲ ପୁନରୁଦ୍ଧାର ଓ ଆଧୁନିକୀକରଣ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ। ଅପରପକ୍ଷେ ନୟାଗଡ଼ ଚିନିକଲ ପୁନରୁଦ୍ଧାର କିମ୍ବା ନୂଆ ଚିନିକଲ ସ୍ଥାପନ ଉପରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ଜୋର୍ ଧରିଛି। ଏହା ଦ୍ୱାରା ନୟାଗଡ଼ ଜିଲା ସହିତ ଜିଲାର ପାର୍ଶ୍ୱବର୍ତ୍ତୀ ବୌଦ୍ଧ, ଗଞ୍ଜାମ ଏବଂ ଖୋର୍ଦ୍ଧା ଜିଲାର ଅନେକ ଆଖୁ ଚାଷୀ ଉପକୃତ ହୋଇପାରିବେ ବୋଲି ଆଶା ପ୍ରକାଶ ପାଇଛି।

ଉପକୃତ ହେବେ ନୟାଗଡ଼, ବୌଦ୍ଧ, ଗଞ୍ଜାମ, ଖୋର୍ଦ୍ଧା ଆଖୁଚାଷୀ

ନୟାଗଡ଼ ଚିନିକଲ ୧୯୮୯ରୁ କାର୍ଯ୍ୟକ୍ଷମ ହୋଇଥିବା ବେଳେ ୨୦୧୪ରୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ଏହି ଚିନିକଲ ଆରମ୍ଭରୁ ଦୁଇବର୍ଷ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ହାତରେ ପରିଚାଳନା ଦାୟିତ୍ୱ ଥିଲା। ସେତେବେଳେ ସମବାୟ ବିଭାଗ ଅଧିକାରୀ ଚାଷୀଙ୍କ ସହିତ ସମନ୍ୱୟ ରକ୍ଷା କରି ପରିଚାଳନା କରିବା ପରିବର୍ତ୍ତେ ମନଇଚ୍ଛା ପରିଚାଳନା କରିବାରୁ କ୍ଷତି ହୋଇଥିଲା। ପରବର୍ତ୍ତୀ ସମୟରେ ୧୯୯୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନୟାଗଡ଼ ଚିନିକଲ ପରିଚାଳନା ଦାୟିତ୍ୱ ତାମିଲନାଡୁର ଧରଣୀ କମ୍ପାନୀକୁ ଦେଇଥିଲେ। ଏହି କମ୍ପାନୀର ତାମିଲନାଡୁରେ ୭ଟି ଚିନିକଲ ଥିବାରୁ ନୟାଗଡ଼ ଚିନିକଲକୁ ସୁଚାରୁରୂପେ ପରିଚାଳନା କରିଥିଲା। ଦୀର୍ଘ ୭ବର୍ଷଧରି ଭଲରେ ପରିଚାଳନା କରିବା ଯୋଗୁଁ ଏହି ଶିଳ୍ପ ଲାଭଦାୟକ ହୋଇଥିଲା। ଦୈନିକ ୨୫ଶହ ଟନ ଆଖୁ ପେଡ଼ିବା କ୍ଷମତା ଥିବାରୁ ୧୦ହଜାର ଚାଷୀ ଲାଭବାନ୍ ହେଉଥିଲେ। ୩୫୦କର୍ମଚାରୀ ନିଯୁକ୍ତି ପାଇଥିଲେ; କିନ୍ତୁ କୌଣସି କାରଣରୁ ଧରଣୀ କମ୍ପାନୀ ଛାଡ଼ି ଚାଲିଯିବା ପରେ ସରକାର ନିଜ ପରିଚାଳନାରେ ଦୁଇବର୍ଷ ଏହି ଚିନିକଲକୁ ଚଳାଇ ଥିଲେ ମଧ୍ୟ କ୍ଷତି ହେବାରୁ ସରକାର ତ୍ରୈଲୋକ୍ୟ ମିଶ୍ରଙ୍କୁ ୫କୋଟି ଟଙ୍କାରେ ନିଲାମ ସୂତ୍ରରେ ଦେଇଥିଲେ। ତେବେ ଏହି ଚିନିକଲକୁ ବ୍ୟାଙ୍କରେ ବନ୍ଧକ ସୂତ୍ରରେ ରଖି ଆଣିଥିବା ଋଣ ସୁଝି ନ ପାରିବାରୁ ପରବର୍ତ୍ତୀ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଚିନିକଲରେ ତାଲା ପକାଇ ଦେଇଥିଲେ ବୋଲି ନୟାଗଡ଼ର ବିଶ୍ୱନାଥ ମହାପାତ୍ର କହିଛନ୍ତି। ୨୦୧୪ରୁ ଚିନିକଲ ବନ୍ଦ ରହିବା ଦ୍ୱାରା ଦିନ ଦ୍ୱିପ୍ରହରରେ ଏହାର ଯନ୍ତ୍ରାଂଶ ଚୋରି ହୋଇଗଲା। ଫଳସ୍ୱରୂପ ଏବେ ନୟାଗଡ଼ ଚିନିକଲ ମୃତ ଅବସ୍ଥାରେ ରହିଛି।

ବିଭିନ୍ନ ସଙ୍ଗଠନ ତରଫରୁ ଚିନିକଲର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି କରାଯିବା ପରେ ମଧ୍ୟ ଅଦ୍ୟାବଧି ଏଥିପ୍ରତି ଦୃଷ୍ଟି ଦିଆ ନଯିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ପ୍ରାକ୍ତନ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ନୟାଗଡ଼ ଜିଲା ତଥା ଆଖପାଖ ଜିଲାର ଆଖୁଚାଷ କରୁଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏବଂ ଏହି ଚିନିକଲ ଉପରେ ନିର୍ଭରଶୀଳ କର୍ମଚାରୀ ଏବଂ ଶ୍ରମିକ ଏବେ ବେସାହାରା। ଚାଷୀଙ୍କ ବୃହତ୍ ସ୍ୱାର୍ଥଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ନୟାଗଡ଼ ଚିନିକଲର ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

ରାଜ୍ୟ ଯୁବ ବିଜ୍ଞାନ ମେଳା

ଯୁବପିଢ଼ି ନୂତନ ଗବେଷଣା ଉପରେ ଧ୍ୟାନ ଦିଅନ୍ତୁ: ମନ୍ତ୍ରୀ

ଭୁବନେଶ୍ୱର, ୧୪ା୧୨(ଭୁ.ପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଉଦ୍ଦେଶ୍ୟରେ କଳିଙ୍ଗ ଷ୍ଟାଡିୟମ ପରିସରରେ ରାଜ୍ୟ ଯୁବ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ବରିଷ୍ଠ ବିଭାଗରେ ୩୯ଟି ଏବଂ ବିଦ୍ୟାଳୟ ସ୍ତରୀୟ କନିଷ୍ଠ ବିଭାଗରେ ୧୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ରାଜ୍ୟର ୨୦ଟି ଜିଲାର ପ୍ରାୟ ଶହେ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ନିଜର ଗବେଷଣାତ୍ମକ ପ୍ରକଳ୍ପ ଉପସ୍ଥାପନ କରିଥିଲେ।

ଏହି ଅବସରରେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନର ସଠିକ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଆଜିର ଯୁବପିଢ଼ି ନୂତନ ଗବେଷଣା ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ବିଭାଗୀୟ ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ ବିଜ୍ଞାନର ଅଭିବୃଦ୍ଧି ସହ ପ୍ରକୃତିର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଉଭୟ

ବରିଷ୍ଠ ବିଭାଗରେ ୩୯, କନିଷ୍ଠ ବିଭାଗରେ ୧୯ ପ୍ରକଳ୍ପ ପ୍ରଦର୍ଶିତ

ବିଭାଗର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ବରିଷ୍ଠ ବିଭାଗରେ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସର ଶୁଭାଶିଷ ପୃଷ୍ଟି ପ୍ରଥମ, ଓୟୁଟିଆରର ରକ୍ଷିତ କୁମାର ମହାନ୍ତି ଦ୍ୱିତୀୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସିଦ୍ଧି ମୋହନ ପଟ୍ଟନାୟକ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ସେହିଭଳି କନିଷ୍ଠ ବିଭାଗରେ ରାୟଗଡ଼ାର ରାମନାଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆୟୁଷ୍ମାନ ଚୌଧୁରୀ ପ୍ରଥମ, ମୟୂରଭଞ୍ଜ ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜ୍ୟୋତି ରଞ୍ଜନ ବାରିକ ଦ୍ୱିତୀୟ ଓ ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲର ଶ୍ରେୟାନ ଦାଶ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଭାଗୀୟ ଅତିରିକ୍ତ ସଚିବ ଶିବାନୀ ମହାନ୍ତି ସ୍ୱାଗତ ଭାଷଣ ଏବଂ ଓଡ଼ିଶା ବିଜ୍ଞାନ ଏକାଡେମୀ ସଭାପତି ପ୍ରଫେସର ବିଭୂତି ଭୂଷଣ ମିଶ୍ର ଧନ୍ୟବାଦ ଦେଇଥିଲେ।

ବିସ୍ଥାପିତ ଜଗନ୍ନାଥଙ୍କ ନୀତିକାନ୍ତିରେ ସମସ୍ୟା

ରେଙ୍ଗାଲି, ୧୪ା୧୨ (ନି.ପ୍ର): ଦେଶର ପ୍ରଥମ ବହୁମୁଖୀ ନଦୀବନ୍ଧ ଯୋଜନା (ହୀରାକୁଦ ଡ୍ୟାମ)ରେ ୨୯୪ ଟି ରାଜସ୍ୱଗ୍ରାମ ଏବଂ ୮୦ଟି ମନ୍ଦିର ଜଳ ସମାଧି ନେଇଥିବା ସରକାରୀ ନଥିପତ୍ର କହୁଛି। କିନ୍ତୁ ବାସ୍ତବରେ ଏଥିରୁ ଅଧିକ ମନ୍ଦିର ଜଳମଗ୍ନ

ହୋଇଥିବା ପୁରୁଖା ଲୋକେ କହନ୍ତି। ଏହି ଯୋଜନାରେ ଐତିହ୍ୟ, ଶିକ୍ଷା ସଂସ୍କୃତି, କୃଷି, ବ୍ୟବସାୟ, ବାଣିଜ୍ୟରେ ସମୃଦ୍ଧ ରମ୍ପେଲା ଗ୍ରାମ ମଧ୍ୟ ଜଳମଗ୍ନ ହୋଇଥିଲା। ଫଳରେ ଗ୍ରାମରେ ଥିବା ଜଗନ୍ନାଥ, ଶିବ ଓ ସମଲେଇ ମନ୍ଦିର ମଧ୍ୟ ପାଣି ଭିତରେ ରହିଗଲା। ବହୁ ସଂଘର୍ଷ ପରେ ଉକ୍ତ ରମ୍ପେଲା ଗ୍ରାମର ଜଗନ୍ନାଥ ମନ୍ଦିରକୁ ସମ୍ବଲପୁର ଜିଲାର ରେଙ୍ଗାଲି ନିକଟସ୍ଥ ରମ୍ପେଲା କେମ୍ପରେ ଥଇଥାନ କରାଗଲା। ସେଠାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ପୂଜା ପାଉଛନ୍ତି। କିନ୍ତୁ ତିନିଠାକୁର ନାନା ସମସ୍ୟା ମଧ୍ୟରେ ରହିଛନ୍ତି। କାରଣ ତିନିଠାକୁରଙ୍କ ପାଇଁ ଥିବା ଭୋଗ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଗତ ୨୪ ବର୍ଷ ହେଲା ମନ୍ଦିରର ଟ୍ରଷ୍ଟବୋର୍ଡ ଗଠନ ହୋଇନାହିଁ। ଏନେଇ ଗ୍ରାମବାସୀ ଅନେକଥର ପ୍ରଶାସନ ଏବଂ ଦେବୋତ୍ତର ବିଭାଗକୁ ଅନୁରୋଧ କରିଛନ୍ତି, କିନ୍ତୁ ଫଳ ଶୂନ୍।

୧୯୫୫-୫୬ ମସିହାରେ ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ରମ୍ପେଲା ଗ୍ରାମର ଗୌନ୍ତିଆ ସମେତ ମନ୍ଦିରର ପୂଜକ ଏବଂ ଅନେକ ଗ୍ରାମବାସୀ ରମ୍ପେଲା କେମ୍ପରେ ପୁନର୍ବସତି ସ୍ଥାପନ କଲେ। ଗ୍ରାମର ତିନିଠାକୁର ମଧ୍ୟ ରମ୍ପେଲାକେମ୍ପରେ ନିର୍ମିତ ମନ୍ଦିରରେ ପୂଜା ପାଉଛନ୍ତି। ବିସ୍ଥାପିତ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ ଭୋଗଜମି ବ୍ୟବସ୍ଥା କରିବାକୁ ତତ୍କାଳୀନ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ନ ହେବାରୁ ରମ୍ପେଲା ଗ୍ରାମବାସୀ ନିଜ ନିଜ ଭିତରେ ଚାନ୍ଦା ସଂଗ୍ରହ କରି ଭବ୍ୟମନ୍ଦିର ନିର୍ମାଣ କଲେ ଏବଂ ମହାପ୍ରଭୁଙ୍କ ନାମରେ ପଣ୍ଡିଆପାଲି ମୌଜାରେ ୪.୯୩ ଏକର ଜମି କିଣିଲେ। କିନ୍ତୁ ଏବେ ଏହି ଭୋଗଜମି ଜବରଦଖଲକାରୀଙ୍କ କବ୍‌ଜାରେ

ଜବରଦଖଲକାରୀଙ୍କ କବ୍‌ଜାରେ ଭୋଗଜମି
୨୪ ବର୍ଷ ହେଲା ଗଠନ ହୋଇନି ଟ୍ରଷ୍ଟବୋର୍ଡ
ଆଇନ ବିଭାଗରେ ପଡ଼ିରହିଛି ଫାଇଲ୍

ରହିଛି। ଏହି ଜମିକୁ ଜବରଦଖଲରୁ ମୁକ୍ତ କରିବାକୁ ଗ୍ରାମବାସୀ ଅସଂଖ୍ୟ ଥର ଜିଲାପାଳ ଏବଂ ଦେବୋତ୍ତର କମିସନରଙ୍କ ଦ୍ୱାରସ୍ଥ ହୋଇଛନ୍ତି, କିନ୍ତୁ କୌଣସି ସୁଫଳ ମିଳିନାହିଁ। ଉକ୍ତ ଭୋଗଜମି ଜବରଦଖଲରେ ଥିବାରୁ ତିନିଠାକୁରଙ୍କ ଭୋଗସେବା, ନୀତିକାନ୍ତିରେ ସମସ୍ୟା ହେଉଛି। ଏହାକୁ ଦୃଷ୍ଟିରେ ରଖି ରମ୍ପେଲାକେମ୍ପ ଗ୍ରାମବାସୀଙ୍କ ସହଯୋଗରେ ତିନି ଠାକୁରଙ୍କ ଭୋଗ, ନୀତିକାନ୍ତି, ଯାନିଯାତ୍ରା, ସେବାୟତ (ପୂଜକ)ଙ୍କ ଦରମା ଆଦି ବ୍ୟବସ୍ଥା କରାଯାଇଛି। ୧୯୯୮ରୁ ୨୦୦୦ ମସିହା ପର୍ଯ୍ୟନ୍ତ ମନ୍ଦିର ଟ୍ରଷ୍ଟବୋର୍ଡ ଠିକ୍ ଚାଲିଥିବା ବେଳେ ତା'ପରଠାରୁ ଟ୍ରଷ୍ଟବୋର୍ଡ ଗଠନ ହୋଇନାହିଁ। ଟ୍ରଷ୍ଟବୋର୍ଡ ଗଠନ ପାଇଁ ଦେବୋତ୍ତର ବିଭାଗ ଦେଇଥିବା ଫାଇଲ୍ ଗତ ୨୪ ବର୍ଷ ହେଲା ଆଇନ ବିଭାଗ ପାଖରେ ପଡ଼ିରହିଛି। ରମ୍ପେଲା ଜଗନ୍ନାଥ ମନ୍ଦିର ଟ୍ରଷ୍ଟବୋର୍ଡ ଗଠନ ପାଇଁ ସମ୍ବଲପୁର ସ୍ଥିତ ସହକାରୀ ଦେବୋତ୍ତର କମିସନର ଅନେକଥର ପ୍ରସ୍ତାବ ଦେଇଥିବା ବେଳେ ୨୦୨୩ ଜୁନ ୫ ତାରିଖ ପତ୍ରସଂଖ୍ୟା-୬୬୩ରେ ଆଇନ ବିଭାଗର ଉପସଚିବଙ୍କୁ ରମ୍ପେଲାକେମ୍ପ ଜଗନ୍ନାଥ ମନ୍ଦିର ଟ୍ରଷ୍ଟବୋର୍ଡରେ ୭ଜଣ ସଦସ୍ୟଙ୍କ ନାମ ରଖିବାକୁ ସୁପାରିଶ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଆଇନ ବିଭାଗ ଚୁପ୍ ବସିଛି। ତେଣୁ ନୂତନ ସରକାରର ଆଇନମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଟ୍ରଷ୍ଟବୋର୍ଡ ଗଠନ ଦିଗରେ ଆନ୍ତରିକତା ଦେଖାଇବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

ବିଜୁଳି ନଥିବା ଗାଁକୁ କିରାସିନି ଦେବାକୁ ଦାବି

ଭୁବନେଶ୍ୱର, ୧୪ା୧୨(ନି.ପ୍ର): କେନ୍ଦ୍ର ସରକାର ତୈଳ ବିପଣନ କମ୍ପାନୀ ମାଧ୍ୟମରେ ରାଜ୍ୟକୁ କିରାସିନି ଯୋଗାଣ କରିବାର ବ୍ୟବସ୍ଥା ରହିଛି। ଚଳିତ ତ୍ରୈମାସିକ(ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର) ପାଇଁ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୪୯୪୯ କିଲୋଲିଟର କିରାସିନ ଆବଣ୍ଟନ କରିଛନ୍ତି। ସେହି ଅନୁପାତରେ ରାଜ୍ୟର ସମସ୍ତ

ତିନି ମାସ ପାଇଁ ମିଳିଛି ୪୯୪୯ କିଲୋଲିଟର

୯୬,୩୮,୧୦୩(ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା)ର ହିତାଧିକାରୀଙ୍କ ମଧ୍ୟରେ ସମାନ ଅନୁପାତରେ ତ୍ରୈମାସିକ ପାଇଁ କାର୍ଡ଼ ପିଛା ୦.୫୦୦ ଲିଟର କିରାସିନି ଯୋଗାଇ ଦିଆଯାଇଛି ବୋଲି ବିଧାନସଭାରେ କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।ରାଜ୍ୟରେ ବିଦ୍ୟୁତ୍ ସଂଯୋଗ ହୋଇ ନଥିବା ଗ୍ରାମ ଓ ପଡ଼ାଗ୍ରାମର ବାସିନ୍ଦାଙ୍କୁ ସ୍ୱଳ୍ପ ମୂଲ୍ୟରେ କିରାସିନି ଯୋଗାଇଦେବାକୁ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଉଛି ସେ ସମ୍ପର୍କରେ ବିଧାୟକ ଓମପ୍ରକାଶ ମିଶ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହା କହିଛନ୍ତି। କେତେକ ପଡ଼ାଗ୍ରାମରେ ୫/୬ଘଣ୍ଟା ବିଦ୍ୟୁତ୍ ରହୁ ନଥିବା ଏବଂ ଚିଲିକା ଉପକୂଳ ମତ୍ସ୍ୟଜୀବୀ କିରାସିନି ଉପରେ ନିର୍ଭର କରୁଥିବାରୁ ରିଆତିରେ କିରାସିନି ଯୋଗାଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି ବୋଲି ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ କିରାସିନି କେନ୍ଦ୍ରୀୟ ଯୋଜନାରେ ବଣ୍ଟାଯାଉଛି। କିରାସିନି ଲିଟର ପିଛା ୫୭ରୁ ୫୯ ଟଙ୍କା ପଡୁଛି। ପଡ଼ା ଗ୍ରାମରେ କିପରି ବିଦ୍ୟୁତ ସଂଯୋଗ ଠିକ ରହିବ ସେ ଦିଗରେ ସରକାର ବିଚାର କରିବେ। ବାଲିଗୁଡ଼ା ପଡ଼ାଗ୍ରାମ ଓ ଅନ୍ୟ କେତେକ ଗ୍ରାମକୁ ବିଜୁଳି ପହଞ୍ଚି ନଥିବାରୁ ଏ ସଂକ୍ରାନ୍ତରେ ବିଧାୟକ ଚକ୍ରମଣି କହଁର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏସବୁ ଗ୍ରାମକୁ କିରାସିନି ଯୋଗାଣ କରାଯିବ କି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ ଶତ ପ୍ରତିଶତ ଗ୍ରାମକୁ ବିଜୁଳି ଯିବା ଦରକାର। ଯେଉଁ ଗ୍ରାମରେ ବିଜୁଳି ପହଞ୍ଚି ନାହିଁ ସେ ସମ୍ପର୍କରେ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ କହିଥିଲେ। ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ରେସନ କାର୍ଡ଼ ହିତାଧିକାରୀଙ୍କ ପାଇଁ ନୂଆ ପୋର୍ଟାଲ କେବେ ଖୋଲିବ ବୋଲି ପ୍ରଶ୍ନ କରିଥିବାବେଳେ ମନ୍ତ୍ରୀ କହିଥିଲେ ଏଥିନେଇ ସର୍ବେକ୍ଷଣ ଚାଲିଛି, ଖୁବ୍ ଶୀଘ୍ର ଖୋଲିବ।

ଓଇଆରସି ଅଧ୍ୟକ୍ଷ ପଦ ୨୦୨୩ରୁ ଖାଲି

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଅଧ୍ୟକ୍ଷ ପଦ ୨୦୨୩ରୁ ଖାଲିପଡ଼ିଛି। ଏହାକୁ ପୂରଣ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏ ସଂକ୍ରାନ୍ତ ଲିଖିତ ପ୍ରଶ୍ନର ଉତ୍ତର ରଖି ଶ୍ରୀ ସିଂହଦେଓ କହିଛନ୍ତି ଯେ, ବର୍ତ୍ତମାନ ଆୟୋଗରେ ମୋଟ ୫୦ କର୍ମଚାରୀ କାର୍ଯ୍ୟରତ ଅଛନ୍ତି।

୨୦୨୩-୨୪ରେ ଏହି କର୍ମଚାରୀଙ୍କ ବେତନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୨୦,୭୪,୪୫୮୦୫ ଟଙ୍କା ବ୍ୟୟ ହୋଇଛି। ଗତ ୫ବର୍ଷ ମଧ୍ୟରେ ଆୟୋଗଙ୍କ ନିକଟରେ ୫୩୧ ମାମଲା ରୁଜୁ ହୋଇଥିବାବେଳେ ୫୩୪ଟିର ଫଇସଲା ହୋଇଛି। ଜିଆରଏଫ ଓ ଓମ୍ବୁଡ୍ସମ୍ୟାନଙ୍କ ନିର୍ଦ୍ଦେଶରେ ୧୮୨ଟି ମାମଲା ରୁଜୁ ହୋଇଥିବାବେଳେ ୧୭୧ଟି ଫଇସଲା ହୋଇଛି।

୧୦ଲକ୍ଷ ଠକେଇ, ଯୁବକ ଗିରଫ

ଭୁବନେଶ୍ୱର, ୧୪ା୧୨ (ନି.ପ୍ର): ୧୦ଲକ୍ଷ ଟଙ୍କା କରଜ ନେଇ ଫେରାଇବା ବଦଳରେ ଗାଳି କରିବା ଅଭିଯୋଗରେ ବଡ଼ଗଡ଼ ଥାନା ପୁଲିସ ଜଣେ ଠକକୁ ଗିରଫ କରିଛି। ସେ ହେଉଛି ମଞ୍ଚେଶ୍ୱର ଥାନା ଅଧୀନ ଚକେଇସିଆଣି ଅଞ୍ଚଳରେ ରହୁଥିବା ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ଅନୁପ ପଟ୍ଟନାୟକ। ୨୦୨୩ରେ ପଟିଆ ଅଞ୍ଚଳର ସୂରଜ କୁମାର ରାଜଙ୍କଠାରୁ ଅନୁପ ୧୦ ଲକ୍ଷ ଟଙ୍କା କରଜ ଆକାରରେ ନେଇଥିଲା। ଫେବୃଆରୀରେ ନଗଦ ଦେଢ଼ଲକ୍ଷ ଟଙ୍କା ଦେବା ସହ ସାଢ଼େ ୮ଲକ୍ଷ ଟଙ୍କାର ଦୁଇଟି ଚେକ୍ ଦେଇଥିଲା। ସୂରଜ ଗୋଟିଏ ଚେକ୍ ଲଗାଇବାରୁ ତାହା ବାଉନ୍ସ ହୋଇଥିଲା। ସେ ଏ ନେଇ ଅନୁପଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ଶୁକ୍ରବାର ସୂରଜ ଟଙ୍କପାଣିସ୍ଥିତ କେଏମ୍ କନଭେନସନକୁ ଯାଇଥିବା ବେଳେ ଅନୁପକୁ ସେଠାରେ ଭେଟି ଟଙ୍କା ଦେବାକୁ ତାଗିଦ କରିଥିଲେ। ଅନୁପ ଉତ୍କ୍ଷିପ୍ତ ହୋଇ ନିଜର କିଛି ସହଯୋଗୀ ସହ ମିଶି ସୂରଜଙ୍କୁ ଗାଳିଗୁଲଜ କରିଥିଲେ। ସୂରଜ ଘଟଣାସ୍ଥଳରେ ଥାଇ ପୁଲିସକୁ ଫୋନ୍ କରିଥିଲେ। ପୁଲିସ ଉଭୟଙ୍କୁ ଥାନାକୁ ନେଇଥିଲା। ପରେ ସୂରଜଙ୍କ ଏତଲାରେ ପୁଲିସ ମାମଲା ରୁଜୁକରି ଅନୁପକୁ ଗିରଫ କରିଛି।

ରକ୍ତରେ ପ୍ଲାଷ୍ଟିକ୍ କଣିକା।

ବଢୁଛି ହୃଦ୍‌ଘାତ ଆଶଙ୍କା

ନୂଆଦିଲ୍ଲୀ,୧୪ା୧୨: ରକ୍ତରେ ପ୍ଲାଷ୍ଟିକ୍ କଣିକା, ବଢ଼ାଉଛି ହୃଦ୍‌ରୋଗ ଓ ହୃଦ୍‌ଘାତ ଆଶଙ୍କା। ନିକଟରେ ପ୍ରକାଶିତ ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଏହା ଘୋର ସ୍ୱାସ୍ଥ୍ୟ ବିପଦକୁ ଦର୍ଶାଉଛି, ଯାହା ଭବିଷ୍ୟତରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଦକ୍ଷିଣ କୋରିଆର ଅଧ୍ୟୟନକାରୀ ମାଇକ୍ରୋ ପ୍ଲାଷ୍ଟିକ୍ ଚିହ୍ନଟ କରିବା ଏବଂ ରକ୍ତ ଜମାଟ ବାନ୍ଧିବା ଓ ରକ୍ତ ସଂକ୍ରମଣ ଉପରେ ଏହାର ପ୍ରଭାବ ଆକଳନ କରିବା ପାଇଁ ୩୬ ସୁସ୍ଥ ବୟସ୍କଙ୍କ ରକ୍ତ ନମୁନା ବିଶ୍ଳେଷଣ କରିଥିଲେ। ଯେଉଁଥିରୁ ୮୯ ପ୍ରତିଶତ ବ୍ୟକ୍ତିଙ୍କ ରକ୍ତରେ ମାଇକ୍ରୋ ପ୍ଲାଷ୍ଟିକ୍ କଣିକା ମିଳିଥିଲା। ପ୍ରତି ମିଲିଲିଟର ରକ୍ତରେ ହାରାହାରି ୪.୨ ମାଇକ୍ରୋ ପ୍ଲାଷ୍ଟିକ୍ କଣିକା ମିଳିଥିଲା। ମାଇକ୍ରୋ ପ୍ଲାଷ୍ଟିକ୍‌ରେ ମୁଖ୍ୟତଃ ପଲିଷ୍ଟାଇରିନ୍ ଏବଂ ପଲିପ୍ରୋପିଲିନ୍ ମିଳିଥିଲା, ଯାହା ପ୍ଲାଷ୍ଟିକ୍ ଖାଦ୍ୟ ପାତ୍ର ତିଆରିରେ ବ୍ୟବହାର ହୁଏ। ଯେଉଁମାନେ ଅଧିକ ପ୍ଲାଷ୍ଟିକ୍ ଖାଦ୍ୟ ପାତ୍ର ବ୍ୟବହାର କରୁଥିଲେ ସେମାନଙ୍କ ରକ୍ତରେ ଅଧିକ ମାତ୍ରାରେ ମାଇକ୍ରୋ ପ୍ଲାଷ୍ଟିକ୍ କଣିକା ମିଳିଥିଲା। ମିଳିଥିବା ଅନ୍ୟ ଏକ ମାଇକ୍ରୋ ପ୍ଲାଷ୍ଟିକ୍ 'ଫାଇବ୍ରିନୋଜେନର' ରକ୍ତରେ ଜମାଟ ବାନ୍ଧିବା କାମ କରିଥାଏ। ଏଥିସହ ସି-ରିଆକ୍ଟିଭ୍ ପ୍ରୋଟିନ୍ ସ୍ତର, ରକ୍ତ ସଂକ୍ରମଣ କରିଥାଏ। ରକ୍ତ ଜମାଟ ବାନ୍ଧିବା ଫଳରେ ହୃଦ୍‌ରୋଗ ଓ ହୃଦ୍‌ଘାତ ଆଶଙ୍କା ବଢ଼ିଥାଏ। ତେଣୁ ସ୍ୱାସ୍ଥ୍ୟ ଉପରେ ମାଇକ୍ରୋ ପ୍ଲାଷ୍ଟିକ୍‌ର ପ୍ରଭାବ ନେଇ ଅଧିକ ଅନୁସନ୍ଧାନ ହେବାର ଆବଶ୍ୟକତା ବିଷୟରେ ଅନୁସନ୍ଧାନକାରୀ ଉଲ୍ଲେଖ କରିଛନ୍ତି।

16th ଜନ୍ମଦିନ ଶୁଭେଚ୍ଛା

ଅମ୍ଳାନ ବାରିକ (ଓମ୍)
ସରବାହାଲ
ଜନ୍ମତାରିଖ- ୧୬।୧୨।୨୦୦୮
ଷୋଡଶ ଜନ୍ମ ବାର୍ଷିକୀର ଅନେକ ଅନେକ ଅଭିନନ୍ଦନ। ତୋର ଆଗାମୀ ଭବିଷ୍ୟତ ଉଜ୍ଜଳମୟ ଓ ଚଲାପଥ ପୁଷ୍ପିତ ତଥା କୁସୁମିତ ହେଉ ଏହା ହିଁ ଈଶ୍ୱରଙ୍କଠାରେ ପ୍ରାର୍ଥନା।
-ଶୁଭେଚ୍ଛା ସହ-
ବାପା- ଗଗନ ବିହାରୀ ବାରିକ, ମାତା- ମିଲାରାଣୀ ବାରିକ ଓ ପରିବାରବର୍ଗ

ଜନ୍ମଦିନ ଶୁଭେଚ୍ଛା

ଆଦିତ୍ୟ (ମୁକୁଲ)
ଭୁବନେଶ୍ୱର, ୟୁନିଟ୍-୮
ଆଜି ତୋର ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ ବାପା - ଦେବାଶିଷ, ମା'- ସୋନାଲିନ
ଓ ସମସ୍ତ ପରିବାର ଓ ବନ୍ଧୁବର୍ଗ

ପୂର୍ବ ତଟ ରେଳପଥ

1.ଟେଣ୍ଡର ସଂ. ELOP-T-11-2024
କାର୍ଯ୍ୟର ନାମ : 02 (ଦୁଇ) ବର୍ଷର ଅବଧି ନିମନ୍ତେ କଟକ ଠାରେ କ୍ରୁ ଲବି ଏବଂ ରନିଙ୍ଗ୍ ରୁମ୍ ର ରକ୍ଷଣାବେକ୍ଷଣ ସହିତ ବାହାର ଏଜେନ୍ସି ମାଧ୍ୟମରେ ସବ୍ସିଡି ଯୁକ୍ତ ଖାଦ୍ୟର ବ୍ୟବସ୍ଥା।
ବିଜ୍ଞାପିତ ମୂଲ୍ୟ : ₹3,03,31,572.08, EMD : ₹3,01,700/-

2.ଟେଣ୍ଡର ସଂ. ELOP-T-12-2024
କାର୍ଯ୍ୟର ନାମ : 02 (ଦୁଇ) ବର୍ଷର ଅବଧି ନିମନ୍ତେ ଭଦ୍ରକ ଠାରେ କ୍ରୁ ଲବି, ପୁରୁଣା ଏବଂ ନୂଆ ରନିଙ୍ଗ୍ ରୁମ୍ ର ରକ୍ଷଣାବେକ୍ଷଣ ସହିତ ବାହାର ଏଜେନ୍ସି ମାଧ୍ୟମରେ ସବ୍ସିଡି ଯୁକ୍ତ ଖାଦ୍ୟର ବ୍ୟବସ୍ଥା।
ବିଜ୍ଞାପିତ ମୂଲ୍ୟ : ₹5,47,12,352.26, EMD : ₹4,23,600/-

3.ଟେଣ୍ଡର ସଂ. ELOP-T-13-2024
କାର୍ଯ୍ୟର ନାମ : 02 (ଦୁଇ) ବର୍ଷର ଅବଧି ନିମନ୍ତେ ତାଳଚେର ଠାରେ କ୍ରୁ ଲବି, ପୁରୁଣା ଏବଂ ନୂଆ ରନିଙ୍ଗ୍ ରୁମ୍ ର ରକ୍ଷଣାବେକ୍ଷଣ ସହିତ ସବ୍ସିଡି ଯୁକ୍ତ ଖାଦ୍ୟର ବ୍ୟବସ୍ଥା।
ବିଜ୍ଞାପିତ ମୂଲ୍ୟ : ₹2,68,97,504.34, EMD : ₹2,84,500/-

ଟେଣ୍ଡର ନଥିପତ୍ରର ମୂଲ୍ୟ : ₹11,800/- (ସମସ୍ତ ଟେଣ୍ଡର ନିମନ୍ତେ), କାର୍ଯ୍ୟ ଶେଷ ହେବା ଅବଧି : 730 ଦିନ (ସମସ୍ତ ଟେଣ୍ଡର ନିମନ୍ତେ)।
ବିଡ୍ ଆରମ୍ଭ ହେବା ତାରିଖ : ତା.17.12.2024ରିଖ (ସମସ୍ତ ଟେଣ୍ଡର ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.12.2024ରିଖ 1100 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-799/P/24-25

ଯୁବ ଅଧ୍ୟାପକଙ୍କ ପିଏଚ୍.ଡି. ଉପାଧି ପ୍ରାପ୍ତ

ଆଠମଲ୍ଲିକ ମହାବିଦ୍ୟାଳୟର ଯୁବ ଓଡ଼ିଆ ଅଧ୍ୟାପକ ହୃଷୀକେଶ ମହାଖୁଡ଼ ଶାନ୍ତିନିକେତନସ୍ଥିତ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ତରଫରୁ ପିଏଚ୍.ଡି. (Ph.D.) ଉପାଧି ଲାଭ କରିଛନ୍ତି। ସେ ଶାନ୍ତିନିକେତନ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଶରତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ "ଓଡ଼ିଆ ସର୍ଜନଶୀଳ ସାହିତ୍ୟ ସମାଲୋଚନା" (Creative Literary Criticism in Odia) ସମ୍ପର୍କରେ ଗବେଷଣା କରୁଥିଲେ। ତାଙ୍କର ଗବେଷଣା ସନ୍ଦର୍ଭଟି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାରଳା ଚେୟାର ପ୍ରଫେସର ଉଦୟନାଥ ସାହୁ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ନାରାୟଣ ସାହୁଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ମହାଖୁଡ଼ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ନିମିଧା ଗ୍ରାମପଞ୍ଚାୟତ ଗୋପାଳପୁର ଗ୍ରାମର ପିତା-ନିତ୍ୟାନନ୍ଦ ମହାଖୁଡ଼ ଓ ମାତା ସୁଫଳା ମହାଖୁଡ଼ଙ୍କ ସୁପୁତ୍ର ଅଟନ୍ତି। ଏହି ସଫଳତା ପାଇଁ ପ୍ରିୟ ଗୁରୁ ଡ. ଶରତ କୁମାର ଜେନା, ପ୍ରଫେସର କଇଳାଶ ପଟ୍ଟନାୟକ ଏବଂ ନିଜର ଜେଜେବାପା ୰ଯୋଗୀନାଥ ମହାଖୁଡ଼ଙ୍କୁ ସ୍ମରଣକରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏତଦ୍‌ଭିନ୍ନ ଏହି କୃତକାର୍ଯ୍ୟ ନିମନ୍ତେ ନିଜର ପିତା-ମାତା, ଭାଇ-ଭାଉଜ, ବନ୍ଧୁ ପରିଜନ ସମସ୍ତଙ୍କୁ ଶ୍ରେୟ ଦେବା ସହିତ ଏହି ସଫଳତା ପାଇଁ ନିଜର କର୍ମଭୂମି ଆଠମଲ୍ଲିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ସହକର୍ମୀ, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।
S-5574

MCL ମହାନଦୀ କୋଲ୍‌ଫିଲଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5232

इंडियन बैंक Indian Bank
इलाहाबाद ALLAHABAD
ଭାରତ ସରକାରଙ୍କ ଏକ ଉପକ୍ରମ
ଆଞ୍ଚଳିକ କାର୍ଯ୍ୟାଳୟ, କଟକ

ଆଞ୍ଚଳିକ କାର୍ଯ୍ୟାଳୟ, କଟକ
ପ୍ଲଟ୍ ନଂ.: ସି/୯, ସେକ୍ଟର-୬,
ପୋ: ମର୍କତନଗର, କଟକ - ୭୫୩୦୧୪
zocuttack@indianbank.co.in

ଟେଣ୍ଡର ନୋଟିସ୍

ଇଣ୍ଡିଆନ୍ ବ୍ୟାଙ୍କ, ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏହାର ସାଗର ଶାଖା ପାଇଁ ଆଭ୍ୟନ୍ତରୀଣ/ସାଜସଜ୍ଜା, ଇଲେକ୍ଟ୍ରିକାଲ ଏବଂ ଡାଟା କେବଲିଙ୍ଗ୍ କାର୍ଯ୍ୟପାଇଁ ଇଚ୍ଛୁକ ତାଲିକାଭୁକ୍ତ କଣ୍ଟ୍ରାକ୍ଟରମାନଙ୍କ ଠାରୁ ୨ଟି ବିଡ୍ ବ୍ୟବସ୍ଥା (ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍) ମାଧ୍ୟମରେ ଟେଣ୍ଡରମାନ ଆହ୍ୱାନ କରାଯାଉଅଛି।
ଟେଣ୍ଡର ଫର୍ମ ବ୍ୟାଙ୍କର ୱେବସାଇଟ୍: www.indianbank.in ରୁ ଡାଉନଲୋଡ୍ କରିପାରିବେ। ଟେଣ୍ଡର ଫର୍ମ ଆମର ଆଞ୍ଚଳିକ କାର୍ଯ୍ୟାଳୟ, କଟକ ଠାରେ ତା.୧୬.୧୨.୨୦୨୪ରୁ ୦୬.୦୧.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୨.୦୦ଘଟିକା (ସମସ୍ତ କାର୍ଯ୍ୟ ଦିବସ) ମଧ୍ୟରେ ପ୍ରାପ୍ତ କରିପାରିବେ।
ବିଡ୍ ଦାଖଲର ଅନ୍ତିମ ତାରିଖ:୦୬.୦୧.୨୦୨୫ ଅପରାହ୍ନ ୩.୦୦ଘଟିକା।
ଟେଣ୍ଡର ଖୋଲାଯିବା ତାରିଖ: ୦୭.୦୧.୨୦୨୫ପୂର୍ବାହ୍ନ ୧୧.୦୦ଘଟିକା।
ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ଇଣ୍ଡିଆନ୍ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, କଟକ ଠାରେ ପୃଥକ ମୁଦ ଲଫାପାରେ ଦାଖଲ କରାଯିବା ଆବଶ୍ୟକ। ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ନାକଚ କରିବାର ଅଧିକାର ସଂରକ୍ଷିତ ରଖିଅଛି।
ଆଞ୍ଚଳିକ ପ୍ରବନ୍ଧକ

ଭାରତୀୟ ସ୍ଥଳ ସେନା
JOIN INDIAN ARMY AS AN OFFICER
www.joinindianarmy.nic.in

ଅଧିକାରୀ ପ୍ରବେଶ

୧. ନିମ୍ନଲିଖିତ ପାଠ୍ୟକ୍ରମ ପାଇଁ ଆବେଦନ ଆହ୍ୱାନ କରାଯାଉଛି :-
(କ) ୬୫ତମ ସ୍ୱଳ୍ପସେବା କମିଶନ (ବୈଷୟିକ) ପାଠ୍ୟକ୍ରମ (ପୁରୁଷ) ଏବଂ ୩୬ତମ ସ୍ୱଳ୍ପସେବା କମିଶନ (ବୈଷୟିକ) ପାଠ୍ୟକ୍ରମ (ମହିଳା) ଅକ୍ଟୋବର ୨୦୨୫ ନିମନ୍ତେ।
(ଖ) ୫୮ତମ ସ୍ୱଳ୍ପସେବା କମିଶନ ଏନ୍.ସି.ସି. ସ୍ୱତନ୍ତ୍ର ନିଯୁକ୍ତି ପାଠ୍ୟକ୍ରମ (ପୁରୁଷ ଏବଂ ମହିଳା) (ଯୁଦ୍ଧରେ ହତାହତ ସେନା କର୍ମଚାରୀଙ୍କ ଆଶ୍ରିତଙ୍କ ସହିତ) ଅକ୍ଟୋବର ୨୦୨୫ ନିମନ୍ତେ।
୨. ଅନ୍‌ଲାଇନ ଆବେଦନ ନିମ୍ନଲିଖିତ ଅବଧି ପର୍ଯ୍ୟନ୍ତ ଖୋଲା ରହିବ :-
(କ) ସ୍ୱଳ୍ପସେବା କମିଶନ (ବୈଷୟିକ) ପାଠ୍ୟକ୍ରମ - ପୁରୁଷ ଏବଂ ମହିଳା - ୦୭ ଜାନୁୟାରୀ ଠାରୁ ୦୫ ଫେବୃୟାରୀ ୨୦୨୫
(ଖ) ଏନ୍.ସି.ସି. ସ୍ୱତନ୍ତ୍ର ନିଯୁକ୍ତି ପାଠ୍ୟକ୍ରମ - ପୁରୁଷ ଏବଂ ମହିଳା - ୧୪ ଫେବୃୟାରୀ ଠାରୁ ୧୫ ମାର୍ଚ୍ଚ ୨୦୨୫

OFFICER ENTRIES

1. Applications are invited for the following courses:-
(a) 65th Short Service Commission (Tech) Men Course and 36th Short Service Commission (Tech) Women Course Oct 2025.
(b) 58th Short Service Commision NCC Special Entry Scheme Course Oct 2025 for Men & Women (including Wards of Battle Casualties of Army personnel).
2. Online applications will open as under:-
(a) SSC (Tech) Course - Men & Women - 07 Jan to 05 Feb 2025
(b) NCC (Special) Course - Men & Women - 14 Feb to 15 Mar 2025

ଦ୍ରଷ୍ଟବ୍ୟ :
୧. ସେନାରେ ଭର୍ତ୍ତି ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିଃଶୁଳ୍କ। ଦଲାଲଙ୍କୁ ସାବଧାନ ରୁହନ୍ତୁ।
୨. ବିସ୍ତୃତ ବିଜ୍ଞପ୍ତି ଓ ସୂଚନା ପାଇଁ ଦୟାକରି www.joinindianarmy.nic.in ଦେଖନ୍ତୁ।
Note :-
1. Recruitment in the Army is totally transparent and free. Beware of touts.
2. For detailed Notification, please visit www.joinindianarmy.nic.in.
CBC 10601/11/0035/2425